# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 September – 2025

*********************************

## ମୁଖ୍ୟ ସମ୍ବାଦ

- ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଦେଶରେ ଆଜି ପାଳନ କରାଯାଉଛି ଗୁରୁଦିବସ

- ନୂଆଦିଲ୍ଲୀରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

— କହିଲେ, ଝିଅମାନଙ୍କ ଶିକ୍ଷାରେ ନିବେଶ ସମାଜ ପାଇଁ ଏକ ଅମୂଲ୍ୟ ଯୋଗଦାନ

- ଜିଏସ୍‌ଟି ସଂସ୍କାରରେ ଓଡ଼ିଶା ଲାଭାନ୍ୱିତ ହେବ; କହିଲେ ମୁଖ୍ୟମନ୍ତ୍ରୀ

- ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟରେ ଚଳାଚଳ କରିବ ଅଧିକ ଇ-ବସ୍

ଏବଂ

- ପୟଗମ୍ବର ମହମ୍ମଦଙ୍କ ଜନ୍ମ ଦିବସରେ ଆଜି ପାଳନ କରାଯାଉଛି ଇଦ୍-ମିଲାଦ୍-ଉନ୍-ନବୀ

# ଗୁରୁଦିବସ

ଭାରତବର୍ଷର ଗୁରୁଶିଷ୍ୟ ପରମ୍ପରା ତଥା ଗୁରୁଙ୍କ ମହତ୍ତ୍ୱକୁ ଉଦ୍‌ଜୀବିତ ରଖିବା ପାଇଁ ଦେଶରେ ଆଜିର ଦିନକୁ ଗୁରୁଦିବସ ଭାବେ ପାଳନ କରାଯାଉଛି। ଦେଶର ଦ୍ୱିତୀୟ ରାଷ୍ଟ୍ରପତି, ରାଷ୍ଟ୍ରନୀତିଜ୍ଞ, ଶିକ୍ଷାବିତ୍ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜୟନ୍ତୀରେ ଏହି ଦିବସ ପାଳନ କରାଯାଉଛି । ଡକ୍ଟର ରାଧାକ୍ରିଷ୍ଣନ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀଠାରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷା ପ୍ରତି ଥିବା ତାଙ୍କର ଅବଦାନକୁ ମନେ ରଖିବା ପାଇଁ ଗୁରୁ ଦିବସ ପାଳନ କରାଯାଏ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଜାତୀୟ ଶିକ୍ଷକ ପୁରସ୍କାର-୨୦୨୫ ପ୍ରଦାନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ମହିଳାଙ୍କ ନେତୃତ୍ୱରେ ବିକାଶ ପାଇଁ ଝିଅମାନଙ୍କୁ ସର୍ବୋତ୍ତମ ଶିକ୍ଷା ଉପଲବ୍ଧ କରାଇବାର ଆବଶ୍ୟକତା ରହିଛି। ଝିଅମାନଙ୍କ ଶିକ୍ଷାରେ ନିବେଶ ସମାଜ ପାଇଁ ଏକ ଅମୂଲ୍ୟ ଯୋଗଦାନ। ଏହା ସମାଜ, ରାଷ୍ଟ୍ର ଓ ପରିବାରର ବିକାଶରେ ସହାୟକ ହୋଇଥାଏ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି...

## - V/O - (ରାଷ୍ଟ୍ରପତି)

ରାଷ୍ଟ୍ରପତି କହିଛନ୍ତି ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶିକ୍ଷା ପ୍ରତ୍ୟେକ ବ୍ୟକ୍ତିର ନୈତିକ ବ୍ୟବହାର ଏବଂ ସୁରକ୍ଷା ପାଇଁ ଆବଶ୍ୟକ। ଶିକ୍ଷା ବ୍ୟକ୍ତିକୁ ସକ୍ଷମ କରିଥାଏ। ଏ କ୍ଷେତ୍ରରେ ଶିକ୍ଷକମାନଙ୍କର ମୁଖ୍ୟ ଦାୟିତ୍ୱ ରହିଛି। ଶିକ୍ଷାଦାନରେ

ସ୍ମାର୍ଟ କ୍ଲାସ୍‌ରୁମ୍, ସ୍ମାର୍ଟବୋର୍ଡ ଅପେକ୍ଷା ସ୍ମାର୍ଟ ଶିକ୍ଷକ ହେବା ଅଧିକ ଜରୁରୀ। ସ୍ମାର୍ଟ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଉନ୍ନତି ସମ୍ପର୍କିତ ଆବଶ୍ୟକତାକୁ ବୁଝି ସେ ଦିଗରେ ପଦକ୍ଷେପ ନେଇଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି....

**- V/O - (ରାଷ୍ଟ୍ରପତି)**

ରାଷ୍ଟ୍ରପତି ଆଜି ୪୫ ଜଣ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ସେଥିମଧ୍ୟରେ **ମାଲକାନଗିରି** ଜିଲ୍ଲା କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସଦରର କାର୍ଯ୍ୟରତ ଶିକ୍ଷକ ତରୁଣ କୁମାର ଦାସଙ୍କୁ ଆଜି ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନୀତ କରାଯାଇଛି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଉ କିଛି ସମୟ ପରେ ରାଜ୍ୟସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯିବ।

# ଗୁରୁଦିବସ-ଶୁଭେଚ୍ଛା

ଗୁରୁ ଦିବସରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ଚରିତ୍ର ନିର୍ମାଣରେ ଶିକ୍ଷକମାନଙ୍କ ନିଷ୍ଠା ଓ ସମର୍ପଣ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମ୍ପାଟି ଗୁରୁଦିବସର ଶୁଭେଚ୍ଛା ଜଣାଇ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶକୁ ଅନୁସରଣ କରିବା ପାଇଁ ଯୁବପିଢ଼ିଙ୍କୁ ଆହ୍ବାନ ଦେଇଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦାୟିତ୍ୱ ଶିକ୍ଷକମାନଙ୍କର ହୋଇଥିବାରୁ ସେମାନଙ୍କୁ ଗୁରୁ ଭାବରେ ସମ୍ମାନୀତ କରାଯାଇଥାଏ। ଏହି ଦାୟିତ୍ୱକୁ ଠିକ୍ ଭାବରେ ସମ୍ପାଦନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକମାନେ ଉଦ୍ୟମ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ମଧ୍ୟ ଗୁରୁଦିବସର ଶୁଭେଚ୍ଛା ଜଣାଇଛନ୍ତି। ଶିକ୍ଷକମାନଙ୍କ କଠିନ ପରିଶ୍ରମ ଏବଂ ସମର୍ପଣ ଦେଶ ନିର୍ମାଣରେ ସହାୟକ ହୋଇଥାଏ। ଶିକ୍ଷକମାନେ କେବଳ ପଠନ ଓ ଲିଖନରେ ସୀମିତ ନୁହଁନ୍ତି, ବରଂ ଶିକ୍ଷକ ହେବା ଏକ ବଡ଼ ଗୁରୁ ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

## ଗୁରୁଦିବସ - ଜିଲ୍ଲା

ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହେବାର ଖବର ଆମର ହସ୍ତଗତ ହୋଇଛି।

**ନୂଆପଡା** ଜିଲ୍ଲା ଖଡିଆଳ ମାଣିକ୍ୟଦେବୀ ସରକାରୀ ପ୍ରକଳ୍ପ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ଛାତ୍ରଛାତ୍ରୀମାନେ

ଗୁରୁଙ୍କୁ ଆଦରିବା ସହ ତାଙ୍କ ସୁମାର୍ଗଦର୍ଶନରେ ଅନୁପ୍ରାଣୀତ ହୋଇପାରିଲେ ଜଣେ ସଫଳ ମଣିଷ ହୋଇପାରିବେ ବୋଲି ଅତିଥିମାନେ ପରାମର୍ଶ ଦେଇଛନ୍ତି ।

**ନବରଙ୍ଗପୁର** ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଗୁରୁଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି ।

**ରାୟଗଡ଼ା** ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳିତ ହୋଇଛି । ଏହି ଅବସରରେ ୨୫ ଜଣ ଶିକ୍ଷକଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି ।

**ସୁବର୍ଣ୍ଣପୁର** ଜିଲ୍ଲା ଶିକ୍ଷା ବିଭାଗ ଓ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳନ କରାଯାଇଛି ।

**ଢେଙ୍କାନାଳ** ଜିଲ୍ଲା ଶିକ୍ଷା ବିଭାଗ ଓ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳନ କରାଯାଇଛି ।

## ଜିଏସ୍‌ଟି ହ୍ରାସ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ନେଇ ସୁପାରିଶ୍ କରାଯାଇଛି ।

ଜିଏସ୍‌ଟି ସଂସ୍କାରରେ ଓଡ଼ିଶା ଲାଭାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ସଂସ୍କାର ଦ୍ୱାରା ବିଶେଷକରି ମଧ୍ୟବିତ୍ତ ଲୋକେ ଅଧିକ ଉପକୃତ ହେବେ। କେବଳ ଦୁଇଟି ସ୍ଲାବ୍ କାର୍ଯ୍ୟକାରୀ ହେବା ଦ୍ୱାରା ସମସ୍ତେ ଲାଭାବାନ୍ ହେବେ। ରାଜ୍ୟରେ ୧୦ ଲକ୍ଷରୁ ଅଧିକ କେନ୍ଦୁପତ୍ର ତୋଳାଳି ଉପକୃତ ହେବା ସହ କୋଇଲା କ୍ଷେତ୍ରରେ ଅଧିକ ଲାଭ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O - (ମୁଖ୍ୟମନ୍ତ୍ରୀ)**

## ଇ-ବସ୍ ସେବା

ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟରେ ଅଧିକ ଇ-ବସ୍ ଚଳାଚଳ କରିବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ୬୦୦ ଇ-ବସ୍ କେନ୍ଦ୍ରରୁ ରାଜ୍ୟକୁ ଅଣାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ୪୦୦ ଇ-ବସ୍ ପଠାଇବାର ଯୋଜନା ରହିଥିବାବେଳେ ରାଜ୍ୟରେ ମୋଟ୍ ହଜାରେ ଇ-ବସ୍ ଚଳାଚଳ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଇ-ବସ୍‌ରେ ଐତିହ୍ୟ ଛାପ ରଖାଯାଉଛି। ଏହାସହ ମହିଳାଙ୍କ ପାଇଁ ୧୫ ପ୍ରତିଶତ ରିହାତି ଏବଂ ସାଧାରଣ ଲୋକଙ୍କ ପାଇଁ ୧୦ ପ୍ରତିଶତ ରିହାତିର ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଦୁର୍ଗାପୂଜା ସିଙ୍ଗଲ୍ ୱିଣ୍ଡୋ

ହାଇକୋର୍ଟଙ୍କ ଅନୁମତି କ୍ରମେ କଟକ ଦୁର୍ଗାପୂଜା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ମଣ୍ଡପ ଅନୁମତି ଆବେଦନ ଆଜିଠାରୁ ଆରମ୍ଭ ହୋଇଛି। କଟକ ସଦର ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଙ୍ଗଲ୍ ଓ୍ୱିଣ୍ଡୋ ସିଷ୍ଟମ୍ ଜରିଆରେ ବାରବାଟୀ ପ୍ୟାଲେସ୍‌ରେ ଏହି ପ୍ରକ୍ରିୟା ୩ ଦିନ ଯାଏ ଚାଲିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ  ଭାଓସାହେବ ସିନ୍ଦେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୨ ସୁଦ୍ଧା ପୁଲିସ୍, ପୂର୍ତ୍ତବିଭାଗ ଏବଂ ଭୂମି ଅଧିକାର ବିଭାଗ ଦ୍ୱାରା ସର୍ଭେ କରାଯାଇ ଅସ୍ଥାୟୀ ଏନ୍‌ଓସି ପ୍ରଦାନ କରାଯିବ। ସମସ୍ତ ପୂଜାମଣ୍ଡପ ସେପ୍ଟେମ୍ବର ୨୨ ସୁଦ୍ଧା କାର୍ଯ୍ୟ ସମାପ୍ତ କରି ଆବଶ୍ୟକ ଏନ୍‌ଓସି ହାସଲ କରିପାରିବେ।

## ବଳିବାମନ ବେଶ

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି ବଳିବାମନ ବେଶ ଅନୁଷ୍ଠିତ ହେବ। ବାମନରୂପୀ ବାଳକ ବେଶରେ ଶ୍ରୀଜଗନ୍ନାଥ ମହାପ୍ରଭୁ ରତ୍ନ ସିଂହାସନରେ ବିଜେ କରିବେ। ଶ୍ରୀବଳଭଦ୍ର ରାଜବେଶରେ ସଜ୍ଜିତ ହେବେ। ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ବଳିବାମନ ବେଶରେ ସଜ୍ଜିତ କରାଯିବ। ବଡ଼ସିଂହାର ପୂଜା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସ୍ୱର୍ଣ୍ଣ ଅଳଙ୍କାର ବିଭୂଷିତ କରାଯିବ। ବିଶ୍ୱାସ ରହିଛି ଯେ, ମହାପ୍ରଭୁ ବିଷ୍ଣୁ ପଞ୍ଚମ ଅବତାରରେ ବାମନ ରୂପ ନେଇ ବଳିମହାରାଜଙ୍କୁ ପାତାଳରେ ଚାପି ଦେଇଥିଲେ।

## ମହମ୍ମଦ ଜୟନ୍ତୀ

ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ପୟଗମ୍ବର ହଜରତ ମହମ୍ମଦଙ୍କର ଜନ୍ମଦିବସକୁ ଆଜି ପବିତ୍ର ଇଦ୍‌-ଏ-ମିଲାଦ ଉନ୍‌ ନବୀ ଭାବେ ପାଳନ କରାଯାଉଛି । ମୁସଲମାନ ସଂପ୍ରଦାୟର ଭାଇ ଓ ଭଉଣୀମାନେ ଶୋଭାଯାତ୍ରାରେ ବାହାରି ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଇଥାନ୍ତି । ବିଶ୍ୱଶାନ୍ତି ପାଇଁ ମସ୍‌ଜିଦ୍‌ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁସଲମାନ ସଂପ୍ରଦାୟଙ୍କୁ ଏହି ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ **ଭଦ୍ରକ**, ଧାମନଗର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳିତ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ସୁବର୍ଣ୍ଣପୁର**ଠାରେ ମହାସମାରୋହରେ ମହମ୍ମଦଙ୍କ ଜନ୍ମଦିବସ ପାଳିତ ହୋଇଛି। ଶାନ୍ତିପୂର୍ଣ୍ଣ ଭାବରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ଜଳସ୍ତର

ଜଳକା ନଦୀରେ ଜଳସ୍ତର ବଢ଼ିବା ଯୋଗୁଁ ବନ୍ୟାସ୍ଥିତିର ସମ୍ଭାବନା ରହିଛି। ବାଲେଶ୍ୱର ବସ୍ତା ଅଞ୍ଚଳ ପ୍ରଭାବିତ ହେବା ନେଇ ଜଳସମ୍ପଦ

ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନକୁ ସତର୍କ ରହିବା ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୈତରଣୀ ନଦୀ ଜଳସ୍ତର ବିପଦ ସଂକେତ ତଳେ ରହିଛି। ମହାନଦୀରେ ମଧ୍ୟ ଏବେ ବନ୍ୟା ସ୍ଥିତି ନାହିଁ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି।

## ପାଣିପାଗ

ରାଜ୍ୟର ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଥିବା ସୁଦୃଶ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ୨୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି।